୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.190 Bhubaneswar Tuesday September 03 2024 | ୨୬ତମ ବର୍ଷ ସଂଖ୍ୟା–୧୯୦ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୦୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ପର୍ଯ୍ୟବେକ୍ଷକ @୨୬

ଶୂନ୍ୟସ୍ତମ୍ଭ



ଆଜି ଦୈନିକ ପର୍ଯ୍ୟବେକ୍ଷକର ୨୬ତମ ପ୍ରତିଷ୍ଠା ଦିବସ ସମାରୋହ। ଗତ ଫେବୃଆରୀ ୨ ତାରିଖ ୨୬ତମ ପ୍ରତିଷ୍ଠା ଦିବସ ସମାରୋହ କିଛି କାରଣ ବଶତଃ ସ୍ଥଗିତ ରଖାଯାଇଥିଲା। ସୂଚନାଯୋଗ୍ୟ ୧୯୯୮ ମସିହା ଫେବୃଆରୀ ୨ ତାରିଖ ପବିତ୍ର ଶ୍ରୀପ□ମୀ ଦିନ ବହୁ ବର୍ଷ ଧରି ପ୍ରକାଶିତ ହୋଇଥି ଆସୁଥିବା ସାପ୍ତାହିକ ପର୍ଯ୍ୟବେକ୍ଷକ ଦୈନିକ ପର୍ଯ୍ୟବେକ୍ଷକ ରୂପେ ଆତ୍ମପ୍ରକାଶ କରିଥିଲା। ସାଧାରଣ ଲୋକଙ୍କ ସ୍ୱାର୍ଥ ଅଧିକାର ପାଇଁ ଲଢ଼ି ଅନେକ ଥର ଶାସନ ପ୍ରଶାସନ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ମାନଙ୍କର ରୋଷର ଶିକାର ହୋଇଥିଲେ ମଧ କେବେ ବି ତା'ର ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହିଁ। ସାଧାରଣ ଲୋକଙ୍କ ପାଇଁ ଖବର ସଂଗ୍ରହ କରିବା ଓ ସାଧାରଣ ଲୋକଙ୍କ ପକ୍ଷରେ ଛିଡ଼ା ହେବା ପର୍ଯ୍ୟବେକ୍ଷକର ବୈଶିଷ୍ଟ୍ୟ। ବହୁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ବିଭିନ୍ନ ସମୟରେ ଖବର କାଗଜ ପ୍ରକାଶିତ କରି ଆସିଛନ୍ତି କିନ୍ତୁ କାଳର ପ୍ରଭାବରେ ହେଉ ବା ପ୍ରତିକୂଳ ପରିସ୍ଥିତିକୁ ସାମ୍ନା ନକରି ପାରି ସେଥି ମଧ୍ୟରୁ ଅନେକ କାଳ ଗର୍ଭରେ ଲୀନ ହୋଇ ଯାଇଛନ୍ତି। ଏବେ ମଧ... ପ୍ରଭୁ ଜଗନ୍ନାଥଙ୍କ ଅପାର କୃପା ସାଧାରଣ ଲୋକଙ୍କ ଅନାବିଳ ସ୍ନେହ, ଭଲ ପାଇବା, ପାଠ ପାଠିକାମାନଙ୍କ ଶୁଭେଚ୍ଛା ଆମକୁ ବ□ାଇ ରଖିଛି। ମହାମାରୀ କୋରନାର ସଙ୍କଟମୟ ପରିସ୍ଥିତି ସ□ େ ଆମେ ଏହାର ଡିଜିଲା ଓ ୱେବ ସଂସ୍କରଣର ଶୁଭାରମ୍ଭ ହୋଇଥିଲା। ଆଜିର ପ୍ରତିଷ୍ଠା ଦିବସ ସମାରୋହରେ ପର୍ଯ୍ୟବେକ୍ଷକ ପରିବାର ତା'ର ସମସ୍ତ ପାଠକ, ପାଠିକା, ଲେଖକ, ଲେଖିକା, ସମ୍ବାଦଦାତା, ବିଜ୍ଞାପନଦାତା, କର୍ମଚାରୀ ବୃନ୍ଦ, ବିତରକ ବନ୍ଧୁଗଣ ଏବଂ ସର୍ବୋପରି ଓଡ଼ିଶା ଜନସାଧାରଣ ତଥା ଦେଶ ବିଦେଶରେ ରହୁଥିବା ଭାଇ ଭଉଣୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସୁସ୍ଥ ନିରାମୟ ଜୀବନ ଓ ଆର୍ଥିକ ଉନ୍ନତି ସ୍ୱାବଲମ୍ବିତା କାମନା କରୁଛି। ଆଜିର ସମାରୋହର ସମସ୍ତ ଅତିଥି ବୃନ୍ଦ ଏବଂ ସହଯୋଗୀମାନଙ୍କ ନିକଟରେ ମୋର କୃତଜ୍ଞତା ଜ୍ଞାପନ କରୁଛି।

ଜୟ ଜଗନ୍ନାଥ

ବନ୍ଦେ ଉତ୍କଳ ଜନନୀ

ଡକ୍ଟର ପବିତ୍ରମୋହନ ସାମନ୍ତରାୟ

ମୁଖ୍ୟ ସମ୍ପାଦକ,ଦୈନିକ ପର୍ଯ୍ୟବେକ୍ଷକ



















# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସି : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# କ୍ଷମା ମାନବ ଜୀବନର ଶିରୋମଣି

କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ। ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍କମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

## ରାଜକନିକା ବ୍ଲକରେ ସରକାରୀ ଅର୍ଥ ଆତ୍ମସାତ୍ ଘଟଣା: କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚତୁର୍ଥ ଦିନରେ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ରାଜକିନିକା ବ୍ଲକ ଅନ୍ତର୍ଗତ ସିକୋ ଏବଂ କାଟଣାବଣିଆ ଗ୍ରାମପ□ାୟତରେ ମିଥ୍ୟା ବିଲ୍ କରି ସରକାରୀ ଅର୍ଥକୁ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ତାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଧାରଣା ଆଜି ଚତୁର୍ଥ ଦିନରେ ପହ□ିଛି। ଆଜି ସୁଦ୍ଧା କୌଣସି ସରକାରୀ ଅଧିକାରୀ ଧାରଣା ସ୍ଥଳକୁ ଆସିନାହାନ୍ତି କି ଧାରଣାକାରୀଙ୍କ ସହ ଆଲୋଚନା କରିନାହାନ୍ତି ବୋଲି ସୂଚନା ମିଳିଛି। ଏହି ଧାରଣା ଦେଇଛନ୍ତି ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ। ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ ରାଜକନିକା ବ୍ଲକର ସିକୋ ଏବଂ କାଟଣାବଣିଆ ଗ୍ରାମପ□ାୟତର ଦୁଇଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିମନ୍ତେ ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରିୟବ୍ରତ ଦାସଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଦୁଇଟିର କାର୍ଯ୍ୟାନ୍ୱୟନ ପରେ ପ୍ରଦାନ କରାଯାଇଥିବା ଜିଏସ୍ଟି ବିଲ୍ ହାତରେ ଲେଖା ହୋଇଥିବା ବେଳେ ସେହି ବିଲ୍‌ରେ ଲେଖାଥିବା ଠିକଣାରେ ସେଭଳି କୋଣସି ଦୋକାନ ନଥିବା ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଫଳରେ ଏହି ପ୍ରକଳ୍ପ ଦ୍ୱୟର ମିଥ୍ୟା ବିଲ୍ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ଦୁଇଟିଯାକ ପ୍ରକଳ୍ପରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଥିବା ମଧ୍ୟ ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ଆଚାର୍ଯ୍ୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଦୀର୍ଘ ଆଠମାସ ବିତିଯାଇଥିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ସେ ବାଧ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଧାରଣା ଦେଇଛନ୍ତି। ତେଣୁ ଶ୍ରୀ ଆଚାର୍ଯ୍ୟ ମିଥ୍ୟା ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ୍ କରିଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ଶ୍ରୀ ଆଚାର୍ଯ୍ୟଙ୍କୁ ସମର୍ଥନ ଜଣାଇ ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡା ଜିଲ୍ଲା ଆବାହକ ପ୍ରତାପ ମହାନ୍ତି, ଉତ୍କଳ କେଶରୀ ପାହାଡସିଂ, ଗୌ□ମ ସାହୁ, ଅମରବର ବିଶ୍ୱାଳ, ମାନସ ଆଚାର୍ଯ୍ୟ,ସୁମନ୍ତ ସେଠୀ ପ୍ରମୁଖ ଧାରଣାରେ ସାମିଲ୍ ହୋଇଥିବାର ଦେଖିବାକୁ ମିଳିଛି।



# ଗଣମାଧ୍ୟମ ଓ ଆଜିର ଦୁନିଆ

ଆଜିର ଦୁନିଆରେ ଗଣମାଧ୍ୟମ ବା ପ୍ରେସ ମେଡିଆ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇ ଏକପ୍ରକାର ସାମାଜିକ ବିପ୍ଲବ ଆଣିବାରେ ସଫଳ ହୋଇଛି। "Even the worst dictator will think twice before taking a step because he is in the rader screen of Press." ସାରା ଦୁନିଆର ଯେକୌଣସି କଣରେ ଘଟିଥିବା ଘଟଣା ଦୁର୍ଘଟଣାକୁ ମାତ୍ର କେତେ ମିନିଟ ମଧ୍ୟରେ ସାରା ବିଶ୍ୱରେ ପ୍ରସାରିତ କରି ଏହା ଖାଲି ଲୋକଙ୍କୁ ଜଣାଉନାହାନ୍ତି, ସେ ଘଟଣାର ମାନସ ମନ୍ଥନ କରାଇ ଲୋକମତ ସୃଷ୍ଟି କରି ନିରାକରଣ, ପ୍ରତିଷେଧ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ଚାପ ସୃଷ୍ଟି କରୁଛନ୍ତି, ତାକୁ ପ୍ରତିହତ କରିବା କୌଣସି ଶକ୍ତି ବା ସରକାର ପକ୍ଷରେ ସମ୍ଭବ ହେଉନାହିଁ। ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ। "Eternal Vigilant is the price of Democracy. Power corrupt Absolute power corrupt absolutely." କ୍ଷମତାର ସେହି ସ୍ୱେଚ୍ଛାଚାରୀ ଦାନବମାନଙ୍କୁ କେବଳ ଗଣମାଧ୍ୟମ ହିଁ ଲଗାମ ଦେଇପାରିବ। ପବିତ୍ର ଗଣତନ୍ତ୍ରକୁ ରକ୍ଷାକରିବା ପାଇଁ ଗଣମାଧ୍ୟମ ଖାଲି ସ୍ୱର ଉଠାଏନି, ଅନେକ ସାହସୀ ସାମ୍ବାଦିକ ମଧ୍ୟ ନିଜର ଜୀବନ ବଳି ଦେଇଛନ୍ତି। ଅତି ପ୍ରାଚୀନ କାଳରୁ ସମ୍ବାଦ ପରିବହନ ପାଇଁ ବାଦ୍ୟ ବଜାଇ, ନିଆଁ ଜାଳି, ତୋପ ଫୁଟାଇ ଲୋକମାନଙ୍କୁ ଅବଗତ କରାଯାଉଥିଲା। ୟୁରୋପରେ ନବଜାଗରଣ ଆନ୍ଦୋଳନ ବେଳେ ଛାପା କଳର ଉଦ୍‌ଭାବନ ଯୋଗୁ ଏହାର ବ୍ୟବହାର ବୃଦ୍ଧି ପାଇଲା। ଇଂଲଣ୍ଡର ଡେଲି ଟେଲିଗ୍ରାଫ ପୃଥିବୀର ପ୍ରଥମ ସମ୍ବାଦପତ୍ର ଥିଲା। ଫ୍ରାନସ ବିପ୍ଳବ, ଆମେରିକାର ସ୍ୱାଧୀନତା ସଂଗ୍ରାମ ସମୟରେ ସମ୍ବାଦପତ୍ରର ଭୂମିକା ବେଶ ବଡ ଥିଲା। ଭାରତରେ ବେଙ୍ଗଲ ଗେଜେଟ ପ୍ରଥମ ସମ୍ବାଦପତ୍ର କଲିକତାରୁ ୧୭୮୪ ମସିହାରେ ବାହାରିଥିଲା। ଅମୃତବଜାର ପତ୍ରିକା, ଷ୍ଟେଟସମ୍ୟାନ, ହିନ୍ଦୁ, ବମ୍ବେ ହେରାଲଡ ଆଦି ଇଂରେଜି ସମ୍ବାଦପତ୍ରମାନ ବିଦେଶୀ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲେ (ବେନେଟ କୋଲମାନ)। ସମ୍ବାଦପତ୍ର ସ୍ୱାଧିନତା ଆନ୍ଦୋଳନ ବେଳେ ଯଥେଷ୍ଟ ସହାୟକ ଭୂମିକା ନେଇଥିଲେ। ମହାତ୍ମା ଗାନ୍ଧି କଂଗ୍ରେସର ବାର୍ତ୍ତା ଲୋକଙ୍କ ନିକଟରେ ପହ-ାଇବା ପାଇଁ ହରିଜନ ଓ ୟଙ୍ଗ ଇଣ୍ଡିଆ ନାମରେ ଦୁଇଟି ସମ୍ବାଦପତ୍ର ବାହାର କରିଥିଲେ। ଏହି ପତ୍ରିକାରେ ସରକାରୀ ବିରୋଧୀ ଲେଖାପାଇଁ ସରକାର ଗାନ୍ଧିଙ୍କୁ ଗିରଫ କରି ଜେଲକୁ ପଠାଇଥିଲେ। ଲୋକମାନ୍ୟ ତିଳକ କେଶରୀ ନାମକ ପତ୍ରିକାରେ ଲେଖିଥିଲେ, "ସ୍ୱାଧିନତା ମୋର ଜନ୍ମଗତ ଅଧିକାର ସେଥିରୁ କେହି ମୋତେ ବଂଚିତ କରିପାରିବେନାହିଁ।' ଏଥିପାଇଁ ତାଙ୍କୁ ଛଅ ବର୍ଷ ପାଇଁ ନିର୍ବାସନ ଦଣ୍ଡ ଦିଆହୋଇଥିଲା। ପଣ୍ଡିତ ଜବହାରଲାଲ ନେହରୁ ତାଙ୍କର ସମାଜବାଦୀ ଚିନ୍ତାଧାରା ପ୍ରଚାର ପାଇଁ ନେସନାଲ ହେରାଲଡ ପତ୍ରିକା ବାହାର କରିଥିଲେ। ନିଜ ହିନ୍ଦୁତା ଚିନ୍ତାଧାରାର ପ୍ରଚାର ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାଷ୍ଟ୍ରଦିପ ଓ ପ-ଜନ୍ୟ ନାମକ ଦୁଇଟି ପତ୍ରିକା ପ୍ରକାଶ କରୁଛି। ଆମ ଓଡିଶାରେ ୧୮୬୧ ମସିହାରେ ଉତ୍କଳ ଦିପିକା ନାମକ ପ୍ରଥମ ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ଦ୍ୱାରା ବାହାରିଥିଲା। ନଅଙ୍କ ଦୁର୍ଭିକ୍ଷ, ସ୍ୱତନ୍ତ୍ର ଉତ୍କଳ ଗଠନରେ ଏହି ପତ୍ରିକା ଅସାମାନ୍ୟ ଭୂମିକା ନେଇଥିଲା। ସ୍ୱାଧୀନତା ଆନ୍ଦୋଳନ ବେଳେ ଉତ୍କଳମଣି ଗୋପବନ୍ଧୁ ଦାସ ସମାଜ ସମ୍ବାଦପତ୍ର ସ୍ଥାପନ କରିଥିଲେ। ଏବେବି ଓଡିଆ ଖବରକାଗଜକୁ ଲୋକମାନେ ସମାଜ ପେପର ବୋଲି କହୁଛନ୍ତି। ରେଡିଓ ଏକ ନୂତନ ଗଣମାଧ୍ୟମ ରୂପେ ଆବିର୍ଭାବ ହୋଇ ବେଶ ଲୋକପ୍ରିୟ ହୋଇଥିଲା (୧୯୩୦ ମସିହା)। ୧୯୩୫ ମସିହାରେ ଏହା ଅଲ ଇଣ୍ଡିଆ ରେଡିଓ ବୋଲି ନାମିତ ହେଲା। ୧୯୩୭ ମସିହାରେ ଏହାକୁ ଆକାଶବାଣୀ କୁହାଗଲା। ୧୯୫୯ ମସିହାରେ ଦେଶରେ ଟେଲିଭିଜନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ୨୦୦୬ ମସିହାରେ ରେଡିଓ ସହ ଟିଭି ଶିଳ୍ପକୁ ମିଶାଇ ପ୍ରସାରଭାରତି ବୋଲି କରାଗଲା। ବିଶେଷତଃ ଚୀନ-ଭାରତ ଯୁଦ୍ଧ ବେଳେ ସାରା ଦେଶର କୋଟି କୋଟି ଲୋକ ଗାଁ ଦାଣ୍ଡରେ ଏକତ୍ର ହୋଇ ରେଡିଓରୁ ଖବର ଶୁଣୁଥିଲେ।






# ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରୟାସକୁ ରାଜ୍ୟ କଂଗ୍ରେସର ଦୃଢ଼ ନିନ୍ଦା

ଭୁବନେଶ୍ୱର ,ପି.ଏନ): ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବକୁ ବିରୋଧ କରି ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। କଂଗ୍ରେସ ନେତା ଡ. ସ୍ମୃତି ରନ ଲେଙ୍କା ନିଜ ବିବୃତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଏଭଳି ବିତଣ୍ଡା ବିତର୍କର ଆହ୍ୱାନକୁ ଦୃଢ଼ ଭାବେ ନିନ୍ଦା କରିବା ସହ ବିଜେପି ସରକାର କେବଳ ରଙ୍ଗ ଓ ନାମ ପରିବର୍ତ୍ତନ କରି ମିଛ ବାହାବାହା ନେବାପାଇଁ ଶସ୍ତା ରାଜନୀତି କରୁଛି ବୋଲି ପ୍ରକାଶ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ରାଜ୍ୟ ନୁହେଁ ବରଂ ବିଶ୍ୱର ବହୁ ପୂରାତନ ଛାତ୍ରଛାତ୍ରୀଙ୍କ ଭାବାବେଗ ସହିତ ଜଡ଼ିତ। ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି କ୍ଷେତ୍ରରେ ସରକାର ପ୍ରୟାସ କରିବା ପରିବର୍ତ୍ତେ ଅଯଥା ଅପ୍ରସଙ୍ଗ ଗୁଡ଼ିକୁ ପ୍ରସଙ୍ଗ କରି ନିଜର ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟରୁ ଓହରି ଯିବାପାଇଁ ପ୍ରୟାସ କରୁଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଗୁଡ଼ିକର ନାମ ପରିବର୍ତ୍ତନ କରି ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା କରାଗଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଉକ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଗୁଡ଼ିକରେ ଶତକଡ଼ା ୫୦ ପଦବୀ ଖାଲି। ଓଡ଼ିଶାର ଅଧିକାଂଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ହୋଇପାରି ନାହିଁ। ଏହାକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ଜବାବ ଦେବାର ଆବଶ୍ୟକତା ଅଛି ବୋଲି ଡ. ଲେଙ୍କା ପ୍ରଶ୍ନ କରିଛନ୍ତି। ଟି. ଇ. ରେଭେନ୍ସାଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ଅସ୍ମିତା ସହିତ ଯୋଡ଼ି ପ୍ରଶ୍ନ ଉଠାଇଥିବା ଶ୍ରୀ ପ୍ରଧାନ ରାଜ୍ୟର ମହାମହୀମ ରାଜ୍ୟପାଳଙ୍କ ପୁଅ ଜଣେ କର୍ତବ୍ୟରତ ଓଡ଼ିଆ ଅଧିକାରୀଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାରେ ଏବଂ ଦେଶର ନିଟ ଓ ୟୁଜିସି ନେଟ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସରକାରଙ୍କର ଅପାରଗତାକୁ ନେଇ କେବେ ବିତର୍କର ଆହ୍ୱାନ କରିବେ ବୋଲି ଡ. ଲେଙ୍କା ପ୍ରଶ୍ନ କରିଛନ୍ତି। ରାଜ୍ୟ ଶିକ୍ଷା ବିକାଶ କ୍ଷେତ୍ରରେ ଟି. ଇ ରେଭେନ୍ସାଙ୍କ ଅବଦାନକୁ ନେଇ ପ୍ରଶ୍ନ କରୁଥିବା କେନ୍ଦ୍ର ମନ୍ତ୍ରୀ, ଉତର ରଖିବାର ଆବଶ୍ୟକତା ଅଛିକି ସ୍ୱାଧୀନତା ସଂଗ୍ରାମ ସମୟରେ କେଉଁମାନେ ବ୍ରିଟିଶଙ୍କର ଦଲାଲ ସାଜି ସ୍ୱାଧୀନତା ସଂଗ୍ରାମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ




ପାଇଁ ଦାବି କରୁଥିଲେ, ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭୂମିକା କ'ଣ ଥିଲା ତାହାବି ବର୍ତମାନ ବିତର୍କର ବିଷୟ ବୋଲି ଡ. ଲେଙ୍କା ପ୍ରଶ୍ନ କରିଥିଲେ। ଦଳର ଅନ୍ୟତମ ନେତ୍ରୀ ଡ. ମନୀଷା ଦାସପଟ୍ଟନାୟକ ଆଜିର ସମ୍ମିଳନୀରେ ଯୋଗଦେଇ ପ୍ରଶ୍ନ କରିଥିଲେ କି କେବଳ ନାମ ବଦଳାଇବା ରାଜନୀତି କଲେ ରାଜ୍ୟ ଏବଂ ଦେଶବାସୀଙ୍କର କି ବିକାଶ ହୋଇପାରିବ। ୧୫୬ ବର୍ଷର ଗୌରବମୟ ଇତିହାସ ବହନ କରିଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ହଠାତ କ'ଣ ପାଇଁ ଶ୍ରୀଯୁକ୍ତ ପ୍ରଧାନଙ୍କର ତତ୍ପରତା ପ୍ରକାଶ ପାଇଲା ତାକୁ ନେଇ ଡ. ଦାସପଟ୍ଟନାୟକ ପ୍ରଶ୍ନ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପରିବର୍ତ୍ତେ ସର୍ବପୁରାତନ ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନର ପ୍ରୟାସ ଏକ ହୀନମନ୍ୟତାର ପରିଚୟ ବୋଲି ସେ ପ୍ରକାଶ କରିଥିଲେ। ଦେଶ ଓ ରାଜ୍ୟର ଯୁବକ ମାନଙ୍କ ବିକାଶ କ୍ଷେତ୍ରରେ ଅନେକ କାର୍ଯ୍ୟ ଓ ଯୋଜନା କେବଳ କାଗଜ କଲମରେ ସିମିତ ହୋଇ ରହିଥିବା ବେଳେ ଏ ସବୁର ସଫଳ ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରିବା ପରିବର୍ତ୍ତେ ଅଯଥା ପ୍ରସଙ୍ଗ ବିହୀନ ବିତର୍କରୁ ଦୂରେଇ ରହିବାପାଇଁ ଶ୍ରୀ ପ୍ରଧାନଙ୍କୁ ସେ ଆହ୍ୱାନ ଦେଇଥିଲେ।

# ବଡଗଡ ଗଣେଶ ମହୋତ୍ସବ : ୫୭ ଫୁଟର ଲାଲବାଗ ଆକୃତିର ଗଣେଶ ଓ ୧୦ କେଜିର ରୂପା ପାଦ

ଭୁବନେଶ୍ୱର,(ପି.ଏନ): ବଡଗଡର ପ୍ରସିଦ୍ଧ ଗଣେଶ ପୂଜା ମହୋତ୍ସବରେ ମହାରାଷ୍ଟ୍ର ଲାଲବାଗ ଆକୃତିର ୫୭ଫୁଟ ଉଚ୍ଚର ଗଣେଶ, ଓ ୧୨ ଫୁଟ ଉଚ୍ଚର ମୂଷିକ ବାହନ ପୂଜା ପାଇବେ। ୨୦୧୮ ମସିହାରେ ୩୫ଫୁଟ ଉଚ୍ଚର ମୂର୍ତ୍ତି ଏବଂ ୨୦୨୩ ମସିହାରେ ୫୫ଫୁଟ ଉଚ୍ଚର ମୂର୍ତ୍ତି ପୂଜାପାଇଥିଲେ। ଏଥର ପୂଜାର ମୁଖ୍ୟ ଆକର୍ଷଣ ହେବ ୧୦ କେଜି ଓଜନର ରୂପା ପାଦ ଓ ୫୭ କେ.ଜିର ଲଡୁ ଭୋଗ, ପୂଜାର ଆୟୋଜକ ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏସନ ଓ ବଡଗଡ ଗଣେଶ ମହୋତ୍ସବ ପୂଜା କମିଟି ପକ୍ଷରୁ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରୀ ଗଣେଷ ଠାକୁରଙ୍କ ପରିଧାନ ନିମନ୍ତେ ଏକ ମୂଲ୍ୟବାନ ବସ୍ତ୍ର ସୋନପୁରର ବୁଣାକାର ଶ୍ରୀ ବିକ୍ରମ ମେହେରଙ୍କ ଦ୍ୱାରା ବୁଣାଯାଇଛି। ଏହି ବସ୍ତ୍ର ପାଇଁ ୫୪ ହଜାର ଟଙ୍କା ବ୍ୟୟ ହୋଇଛି। ଏହି ପରିଧାନ ବସ୍ତ୍ରର ପ୍ରସ୍ତୁତି ପାଇଁ ବୁଣାକାରଙ୍କୁ ମାସାଧିକ ସମୟ ଲାଗିଛି। ଶ୍ରୀ ଗଣେଶଙ୍କ ମୂର୍ତ୍ତିରେ ବ୍ୟବହୃତ ହେବ ପ୍ରାକୃତିକ ରଙ୍ଗ। ଏଥିସହିତ ଏଥିରେ ଟାଇଟାନିକ୍ ଆକୃତିର ଆଲୋକ ତୋରଣ ମଧ ଶୋଭା ପାଇବ। ପ୍ରତିଦିନ



ସନ୍ଧ୍ୟାରେ ଠାକୁରଙ୍କ ଖେଚୁଡି ପ୍ରସାଦ ଶ୍ରଦ୍ଧାଳୁ ମାନଙ୍କୁ ବିତରଣ କରାଯିବ। କଟକର ତ୍ରିଶୂଳିଆରୁ ମାଟି କିଣାଯାଇ କୁଶଳୀ କାରିଗରମାନଙ୍କ ଦ୍ୱାରା ଏହି ମୂର୍ତ୍ତିଗଢ଼ିବା କାର୍ଯ୍ୟ ଚାଲିଛି। ୭ ଦିନ ଧରି ପୂଜାକୁ ଜାକଜମକରେ ପାଳନ କରାଯିବ। ପୂଜା ମଣ୍ଡପରେ ଜର୍ମାନର ହ୍ୟାଙ୍ଗର ସେଡ, ମିନି ପାଗୋଡାରେ ନିର୍ମାଣ କରାଯିବ। ବଡଗଡର ଗଣେଶ ପୂଜା ମଣ୍ଡପ, ଗ୍ରାମ ଛକରୁ କଳ୍ପନା ଛକ ଯାଏ ଆଲୋକ ମାଳାରେ ଝଲସି ଉଠିବ। ପୂଜା ମଣ୍ଡପରେ ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ଦର୍ଶନ ପାଇଁ ହୁଇଲ ଚେୟାର ସୁବିଧା କରାଯାଇଛି। କମିଟିର ସମ୍ପାଦକ ସଂଗ୍ରାମ ମାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଲିଉଡ ଷ୍ଟାର ଅର୍ଚ୍ଚନା ପାଢ଼ୀ, ଇରା ମହାନ୍ତି, କୁଲଦିପ୍ ପଟ୍ଟନାୟକ, ନାଭ୍ୟା ଦୁର୍ଗା ତାରିକ୍ ଅଜିଜ୍, ଅଙ୍କିତ ପାତ୍ର, ମଣ୍ଟୁ ଛୁରିଆ ଏବଂ ସହଯୋଗୀ ପ୍ରମୁଖ ସଙ୍ଗୀତ ମହାକୁମ୍ଭରେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପାରଳାରେ ସ୍ୱାୟତ୍ତ ଶାସନ ଦିବସ ପାଳନର ସମାବେଶ

ପାରଳାଖେମୁଣ୍ଡି,(ପି.ଏନ): ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ପାରଳା ମୁନିସିପାଲିଟି ତରଫରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି. ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ, ଜିଲ୍ଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଗୁଣନିଧି ନାୟକ, ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପାରଳା ମୁନିସିପାଲିଟିର ସାମଗ୍ରିକ ବିକାଶ ସହ ପାରଳା ସହରର ସର୍ବାଙ୍ଗୀନ ଉନ୍ନତି ଗୁରୁତ୍ୱାରୋପ କରିଥିଲେ. ପୌରାଧକ୍ଷା ନିର୍ମଳା ସେଠୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ଉପାଧକ୍ଷ ଲେଙ୍କା ମଧୁଙ୍କ ସମେତ ମୁନିସିପାଲିଟିର ସମସ୍ତ କାଉନସିଲରମାନେ ଯୋଗ



ଦେଇଥିଲେ। ଗତକାଲିର ସ୍ୱାୟତ୍ତ ଶାସନ ଦିବସ ଅବସରରେ ସ୍ଥାନୀୟ ସୁବାସ ନଗର ଠାରେ ଥିବା ମିନି ପାର୍କ, ୱାର୍ଡ ନଂ -୩ ରେ ଥିବା ଶିଶୁ ଉଦ୍ୟାନ ଆଦିରେ ବିଭିନ୍ନ ସାଜସଜ୍ଜା କରାଯାଇଥିଲା। ପରେ ବଡ଼ ବ୍ରାହ୍ମଣ ସାହି ଛକରେ ମୁକ୍ତା ଯୋଜନାରେ ନିର୍ମିତ ଫଳକକୁ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ଉଦଘାଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ପୌରାଧକ୍ଷା ନିର୍ମଳା ସେଠୀ, ଉପାଧକ୍ଷ ମଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଗଜପତିରେ କୋମାରେ ବିଦ୍ୟୁତ୍ ବିଭାଗ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୭୦ ଦିନ ହେବ ବାରମ୍ବାର ବିଦ୍ୟୁତ କଟ, ସାଧାରଣରେ ତୀବ୍ର ଅସନ୍ତୋଷ

ପାରଳାଖେମୁଣ୍ଡି, ପି.ଏନ, (ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ବିଦ୍ୟୁତ ବିଭାଗ ନିଷ୍କ୍ରିୟ ଅବସ୍ଥାରେ କୋମାରେ ରହିଥିବା ସାଧାରଣରେ ଅଭିଯୋଗ ହୋଇଛି। ଗତ ୭୦ ଦିନ ଧରି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବାରମ୍ବାର ବିଦ୍ୟୁତ କଟ ଲାଗି ରହିଛ।ବହୁବାର ସାଧାରଣଙ୍କ ନିବେଦନ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯଦ୍ୱାରା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ ସେବା ଯୋଗାଇ ଦେବାକୁ ସରକାର ନିରନ୍ତର ପ୍ରୟାସ ଜାରି ରଖୁଛନ୍ତି ଓ ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ମନୋଭାବ ଯୋଗୁଁ ଦୁଇମାସ ହେବ ଗୁମ୍ମା ବ୍ଲକବାସୀ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ସୂଚନାଯୋଗ୍ୟ ଯେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ବିଦ୍ୟୁତ କାର୍ଯ୍ୟାଳୟରେ ଯନ୍ତ୍ରିକ ତ୍ରୁଟି ଥିବା ଯୋଗୁଁ ଘଣ୍ଟାକୁ ଘଣ୍ଟା ବିଦ୍ୟୁତ କାଟ ସମସ୍ୟା ଦେଖାଦେଇଛି । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବେଳେ ବେଳେ ତିନିରୁ ଚ଼ାରି ଘଣ୍ଟା ବିଦ୍ୟୁତ ଉଭାନ ହେଇଯାଉଛି। ଏଥିସହ



ଲୋ ଭୋଲଟେଜ ଯୋଗୁଁ ବହୁଲୋକଙ୍କଫେନ, ଇନଭୋଟର, ବଲବ ଓ ଫ୍ରିଜ ଆଦି ପୋଡ଼ି ଯାଇଥିବା ଅଭିଯୋଗ ହେଉଛି। ସେହିପରି ଗୁମ୍ମା ସଦର ମହକୁମାରେ ବ୍ଲକ, ତହସିଲ, ବ୍ୟାଙ୍କ, ଆଧାର କାର୍ଡ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସମବାୟ ସମିତି କାର୍ଯ୍ୟାଳୟରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟ ଅଟକି ରହିଥିବା ଅଭିଯୋଗ ହେଉଛି । ଜନସେବା କେନ୍ଦ୍ର ଆଗରେ ଲୋକେ ଅପେକ୍ଷା କରି ଲୋକେ ହତାଶ ହେଉଛନ୍ତି । ଗୁମ୍ମା ସଦର ମହକୁମାକୁ ସ୍ୱତନ୍ତ୍ର ଫିଡର ଯୋଗାଇ ଦେବା ସହ ଦୀର୍ଘ ବର୍ଷ ଧରି ଗାଇବା ଠାରେ ଏକ ସବ ଷ୍ଟେସନ କରାଯିବା ପାଇଁ ଜାଗା ଅଧିକରଣ ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁଁ ଏସବୁ କାର୍ଯ୍ୟ ଅଟକି ରହିଥିବା ଅଭିଯୋଗ ହେଉଛି। ଗାଇବା ଅଞ୍ଚଳରେ ସର୍ବାଧିକ ବିଦ୍ୟୁତ ଉପଭୁକ୍ତା ରହିଥିବା ଯୋଗୁଁ ଉକ୍ତ ଅଞ୍ଚଳରେ ଅନେକ ସମସ୍ୟା ରହିଛି। କିନ୍ତୁ ରାଜ୍ୟ ସରକାରଙ୍କ ନୂତନ ସବଷ୍ଟେସନ ତାଲିକାରେ ଗାଇବା ନଥିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି।

# ଅନିଲ ମିଶ୍ରଙ୍କ ପରିବାରକୁ ସାମ୍ବାଦିକ କଲ୍ୟାଣ ବୋର୍ଡର ଆର୍ଥିକ ସହାୟତା



ଭୁବନେଶ୍ୱର,(ପି.ଏନ): ସାପ୍ତାହିକ ସମ୍ବାଦପତ୍ର ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି (ଇପିଏ)ର ସମ୍ପାଦକ ଅନିଲ ପ୍ରସାଦ ମିଶ୍ରଙ୍କ ଏକାଦଶାହ ଅବସରରେ ନୟାପଲ୍ଲୀସ୍ଥିତ ଏନ୍-୬ରେ ଥିବା ରାମେଶ୍ୱର ମନ୍ଦିରଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର କର୍ମକର୍ତ୍ତାମାନେ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କଲ୍ୟାଣ ବୋର୍ଡର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସହଧର୍ମିଣୀ ଅଞ୍ଜଳି ମିଶ୍ରଙ୍କ ହସ୍ତରେ ୧୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ଆର୍ଥିକ ରାଶି ପ୍ରଦାନ ବେଳେ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଅନୁରାଗ ମିଶ୍ର, ସାମ୍ବାଦିକ ମୁରଲୀ ମିଶ୍ର ଓ ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟର ପରଲୋକଗତ ସରକାରୀ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କ ପରିବାରବର୍ଗଙ୍କୁ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ଧାରା ଅବ୍ୟାହତ ରହିଛି। ପୂର୍ବରୁ ସ୍ୱର୍ଗତ ବୈଷ୍ଣବ ଚରଣ ଜେନା, ଆଳୟ କୁମାର ମହାନ୍ତି, ଅଜିତ କୁମାର ମହାନ୍ତି ଓ ଅରୁଣ କୁମାର ପଣ୍ଡାଙ୍କ ପରିବାରବର୍ଗଙ୍କୁ କଲ୍ୟାଣ ବୋର୍ଡ ଆର୍ଥିକ ସହାୟତା ପ୍ରଦାନ କରିଥିଲା।

# ନାବାଳକ ନିଖୋଜ ଘଟଣା, ପାଇଲାନି ପୋଲିସ

ତେଲକୋଇ,(ପି.ଏନ): ଦିନେ କି ଦୁଇ ଦିନ ନୁହେଁ,ତିନି ଦିନ ତିନି ରାତି ହେଲା ନିଖୋଜ ହୋଇଥିଲେୟ ଖୋଜିବାକୁ ଗାଡ଼ି ଗାଡ଼ି ପୁଲିସ ଛାଉଣୀ ହୋଇ ଗଲେ ୟଜିଲ୍ଲା ପୁଲିସ ହାକିମ ଠାରୁ ଆର ମ୍ଭ କରି ଥାନା ବାବୁ ଯାଏଁ ସମସ୍ତ କର୍ମଚାରୀ ଖୋଜା ଖୋଜି କରି ନାକେଦମ୍ ହେଲେୟମାତ୍ର ପାଇଲେନି ଗନ୍ଧ କି ବାସ୍ନାୟଦୀର୍ଘ ୭୨ ଘଣ୍ଟା ପରେ ଲଟା ବୁଦା ଭିତରୁ ଚେତା ଶୂନ୍ୟ ଅବସ୍ଥାରେ ନିଖୋଜ ନା ବାଳକ କୁ ପାଇଲେ ସ୍ଥାନୀୟ ଲୋକେ। ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ତେଲକୋଇ ଏବଂ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ହେଉଛି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା କରଦାଙ୍ଗି ଗ୍ରାମରେ ଗତ ୨୭ ତାରିଖରୁ ଘଟିଥିବା ନା ବାଳକ ନିଖୋଜ ଘଟଣା। ତେଲକୋଇ ଥାନା କରଦାଙ୍ଗୀ ଗ୍ରାମର ଲିଙ୍କି ପାତ୍ର ଓ ସଞ୍ଜୟ ପାତ୍ର ଙ୍କ ୧୨ ବର୍ଷର ପୁଅ ଶାନ୍ତନୁ ଗତ ୨୭ ତାରିଖ ମଙ୍ଗଳ ବାର ଠାରୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। କିଛି ପଇସା ପତ୍ର କୁ ନେଇ ସେହି ଗ୍ରାମର ରଶ୍ମି ପାତ୍ର ଓ ଡିଲ ପାତ୍ର ଶାନ୍ତନୁ କୁ ଅପହରଣ କରି ରଖିଥିବା ଶାନ୍ତନୁ ଙ୍କ ପରିବାର ପକ୍ଷରୁ ଅଭିଯୋଗ ଉଠି ଥିଲା । ଏହି ଘଟଣା ୨୯ତାରିଖ ଗୁରୁବାର ଗଣ ମାଧ୍ୟମ ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ତନା ଘନା ଆର ମ୍ଭ ହୋଇଥିଲାୟନିଜେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହି ଘଟଣାର ହସ୍ତକ୍ଷେପ କରି ବିଭିନ୍ନ ଦିଗରେ ତଦନ୍ତ ଆର ମ୍ଭ କରିଥିଲେ ୟନିଖୋଜ ଶାନ୍ତନୁ କୁ ଖୋଜା ଖୋଜି ପାଇଁ ବିଭିନ୍ନ ବର୍ଗର ଗାଡ଼ି ଗାଡ଼ି ପୁଲିସ କରଦାଙ୍ଗି ଗ୍ରାମରେ ଛାଉଣୀ ହୋଇ ଯାଇଥିଲେ । ମାତ୍ର ନିଖୋଜ ଶାନ୍ତନୁ ସ ମ୍ବନ୍ଧରେ କୌଣସି ସନ୍ଧାନ ପାଇ ପାରିନଥିଲେ । ଆଜି(ଶୁକ୍ର ବାର) ସକାଳ ସମୟରେ ରଶ୍ମି ଓ ଡିଲ ପାତ୍ରଙ୍କ ଘର ପଛ ପାର୍ଶ୍ୱରେ ଥିବା ପାଳ ଭାଡ଼ି ନିକଟ ଲଟା ବୁଦା ଭିତରୁ ସ୍ଥାନୀୟ ଲୋକେ ଶାନ୍ତନୁ କୁ ଚେତା ଶୂନ୍ୟ ଅବସ୍ଥା ରେ ଉଦ୍ଧାର କରିଥିଲେ । ଶାନ୍ତନୁ ଙ୍କ ଅବସ୍ଥା ଗୁରୁତର ରହିଥିବାରୁ ପ୍ରଥମେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଛି । ପୁଲିସ ଏହି ଘଟଣାରେ ତଦନ୍ତ ଆର ମ୍ଭ କରିଛି। ତେବେ ସ୍ଥାନୀୟ ଲୋକଙ୍କ କହିବା କଥା ଗତକାଲି ଅର୍ଥା ଗୁରୁବାର ଉକ୍ତ ଅଞ୍ଚଳର ଚର୍ତୁପାର୍ଶ୍ୱ ପୁଲିସ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଖୋଜା ଖୋଜି କରାଯାଇଥିଲା କିନ୍ତୁ କିଛି ମିଳି ନଥିଲା। ଗୋଟିଏ ରାତିରେ ପାଳ ଗଦା ନିକଟସ୍ଥ ଲଟା ବୁଦା ଭିତରୁ ଚେତା ଶୂନ୍ୟ ଅବସ୍ଥାରେ ଶାନ୍ତନୁ ଉଦ୍ଧାର ହେବା ପୁଲିସ ପାଇଁ ଅଡୁଆ ସୃଷ୍ଟି କରିଛିୟବିଭିନ୍ନ ଦିଗକୁ ନେଇ ପୁଲିସ ଏହି ଘଟଣାର ତଦନ୍ତ ଚଳାଇଥିବା ସୂଚନା ରହିଛି ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ

ବାସୁଦେବପୁର,(ପି.ଏନ): ପୌର ପରିଷଦ ପକ୍ଷରୁ ବାସୁଦେବପୁର ରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇ ଯାଇଛି। ପୌର ଅଧକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ଦାସ, ଉପାଦକ୍ଷ ଉତ୍ତମ ବାରିକ୍ ଙ୍କ ସହ କାଉନସିଲର ଭକ୍ତ ରଞ୍ଜନ ପଟ୍ଟନାୟକ,ଜଗବନ୍ଧୁ ଦାସ, ଙ୍କ ସହ ଅନ୍ୟ କାଉନସିଲର ଙ୍କ ଉପସ୍ଥିତି ରେ ବିଭିନ୍ନ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି।ସକାଳ ସମୟ ରେ ଗଣ ଦୌଡ଼, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଫଳ ବଣ୍ଟନ, ପୌର କାର୍ଯ୍ୟାଳୟ ପରିସର ରେ ପତାକା



ଉତ୍ତୋଳନ, ନୀଳମଣି ଟାଉନ୍ ହଲ୍ ପରିସର ରେ ରକ୍ତ ଦାନ ଶିବିର ଆୟୋଜିତ ହୋଇ ଯାଇଛି। ସନ୍ଧ୍ୟା ସମୟ ରେ ଆୟୋଜିତ ସଭା କାର୍ଯ୍ୟ କର୍ମ ରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାୟ, ପୌର ଅଧକ୍ଷା ନିବେଦିତା ବେହେରା, ଉପା ଦକ୍ଷ ଉତ୍ତମ ବାରିକ୍ ଯୋଗ ଦେଇ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି।

# ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ପାଇଁ ଜୀବିକା ହରାଉଛନ୍ତି ଅମ୍ଲାଭଟା ମାଟି ମୂର୍ତ୍ତି କାରୀଗର

ରାୟଗଡ, (ପି.ଏନ) : ଆଗକୁ ପାର୍ବଣର ଋତୁ ପାଖେଇ ଆସୁଛିୟ ସେପ୍ଟେମ୍ବର ୭ ତାରିଖ ରେ ପୂଜା ପାଇବେ ଅଗ୍ରପୂଜ୍ୟ ବିଘ୍ନ ବିନାୟକ ବିଦ୍ୟାଦାତା ଶ୍ରୀ ଗଣେଶ ୟପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ପାଇଁ କମୁଛି ମାଟି ମୂର୍ତ୍ତିର ଚାହିଦା । ଫଳରେ ମୂର୍ତ୍ତି କାରିଗର ପାଉ ନାହାନ୍ତି ସେମାନଙ୍କ ପରିଶ୍ରମର ମୂଲ୍ୟ । ଆସୁଛନ୍ତି ଗଜାନନ । ପୁରପଲ୍ଲୀଠାରୁ ସହର ଯାଏଁ ସବୁଠି ପୂଜା ପାଇବେ ଅଗ୍ରପୂଜ୍ୟ ଗଣେଶ । ମାଟି ମୂର୍ତ୍ତି ପରିବର୍ତ୍ତେ ଏବେ ବଜାରରେ ଶୋଭା ପାଉଛି ପ୍ଲାଷ୍ଟର୍ ଅଫ୍ ପ୍ୟାରିସରେ ନିର୍ମିତ ଶହଶହ ମୂର୍ତ୍ତି । ଏହି ମୂର୍ତ୍ତିର ଚାହିଦା ବଢ଼ିଥିବା ବେଳେ ଏବେ ଚିନ୍ତାରେ ମାଟି ମୂର୍ତ୍ତି କାରିଗର । ପାର୍ବଣ ଆସିଲେ ରାୟଗଡ଼ାର ଅମ୍ଳାଭଟା ଗ୍ରାମର ମୂର୍ତ୍ତି କାରିଗର ମାନେ ମନରେ ଅନେକ ଆଶା ଓ ଭରସା ନେଇ ମାଟି ମୂର୍ତ୍ତି ପ୍ରସ୍ତୁତ କରନ୍ତି ୟ ହେଲେ ବଜାରରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତି ପ୍ରବେଶ କରିବା ପରଠୁ ମାଟି ମୂର୍ତ୍ତିର ଚାହିଦା କମିବାରେ ଲାଗିଛି । ଫଳରେ ମୂର୍ତ୍ତି କାରିଗର ସେମାନଙ୍କ ପରିଶ୍ରମର ମୂଲ୍ୟ ପାଆନ୍ତି ନାହିଁ । ଦୀର୍ଘ ଅନେକ ବର୍ଷ ହେବ ପାର୍ବଣ ଋତୁ ଆସିଲେ ଦୁଇମାସ ପୂର୍ବରୁ ମୂର୍ତ୍ତି କାରିଗର ଆରମ୍ଭ କରିଥାନ୍ତି ମୂର୍ତ୍ତି ନିର୍ମାଣ । ଆଶା ଥାଏ କିଛି ରୋଜଗାର କରି ପରିବାର ପୋଷଣ କରିବେ । ସେହି ଆଶାରେ ଝାଳବୁହା ପରିଶ୍ରମ ସାଙ୍ଗକୁ ଧାର ଉଦ୍ଧାର କରି ରଙ୍ଗ, କପଡ଼ା, ମାଟି,ବାଉଁଶ, ନଡ଼ା ଭଳି ଅନେକ ଆବଶ୍ୟକ ସରଞ୍ଜାମ କିଣି ଗଢ଼ି ଚାଲନ୍ତି ଗଣେଶ ମୂର୍ତ୍ତି । ପୂଜାର କିଛି ଦିନ ପୂର୍ବରୁ ବିଭିନ୍ନ ଆକୃତିରେ ମୂର୍ତ୍ତିଗୁଡ଼ିକୁ ସଜେଇ ରଖି ଅପେକ୍ଷାରେ ରହିଥାନ୍ତି ଗ୍ରାହକଙ୍କୁ । କିନ୍ତୁ ଦିନକୁ ଦିନ ପୂଜା ପାଖେଇ ଆସିବା ବେଳେ ମଉଳି ଯାଏ ସେମାନଙ୍କ ଜୀବନ ଜୀବିକା ପାଇଁ ରୋଜଗାର କରିବାକୁ ମନରେ ବାନ୍ଧିଥିବା ଆଶା । କାରଣ ଯେଉଁ ଦିନଠାରୁ ବଜାରକୁ ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତି ପ୍ରବେଶ କରିଛି ସେହି ଦିନଠାରୁ ରାୟଗଡ଼ାରେ ପାର୍ବଣ ଋତୁରେ ମୂର୍ତ୍ତି କାରୀଗରଙ୍କ ସଂଖ୍ୟା ଧୀରେଧୀରେ କମିବା ସହ ମୂର୍ତ୍ତି ଗଢ଼ିବା ସଂଖ୍ୟା ମଧ କମିବାରେ ଲାଗିଛି । କିଛି ବର୍ଷ ପୂର୍ବରୁ ରାୟଗଡ଼ା ଜିଲ୍ଲା ଅମ୍ଳାଭଟା ଗ୍ରାମ ର ୧୦୦ ରୁ ଉର୍ଦ୍ଧ ପରିବାର ମୂର୍ତ୍ତି ଗଢିବା କାମ କରୁଥିବା ବେଳେ ବର୍ତମାନ ତାହା ୩୦ ସଂଖ୍ୟା ରେ ପହଁଚିଲାଣି। ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ପରିବେଶ ପାଇଁ କ୍ଷତି କାରକ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପ୍ରଦୂଷଣ ବିଭାଗ କେବଳ ଏକ ନିର୍ଦ୍ଦେଶ ନାମା ଜାରିକରି ଚୁପ୍ ବସିଥିବା ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

# ମୋ ସହର



ଶ୍ରୀଯୁକ୍ତ ରସାନନ୍ଦ ମହାନ୍ତି
କାର୍ଯ୍ୟକାରୀ ସଭାପତି,
ଯାଜପୁର ଜିଲ୍ଲା ଆଥେଲେଟିକ୍
ଆସୋସିଏସନ୍ ତଥା ପୂର୍ବତନ ନଗରପାଳ
ବ୍ୟାସନଗର ପୌର ପରିଷଦ,
ବ୍ୟାସନଗର, ଯାଜପୁର

‘ପର୍ଯ୍ୟବେକ୍ଷକ’ ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା



ଶ୍ରୀଯୁକ୍ତ ଚିନ୍ତାମଣି ସାମଲ
ବିଶିଷ୍ଟ ସମାଜସେବୀ,
ସାଧାରଣ ସମ୍ପାଦକ ବରିଷ୍ଠ ନାଗରୀକ
ମଞ୍ଚ, ବ୍ୟାସନଗର, ଯାଜପୁର

‘ପର୍ଯ୍ୟବେକ୍ଷକ’ ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା



ବୈକୁଣ୍ଠ ବାଗ
ଗୈଡଟୈଡିଆ ଜୁନାଗଡ଼
ବ୍ଲକ୍ ଜିଲ୍ଲା
କଳାହାଣ୍ଡି
ଆଧ୍ୟାତ୍ମିକ ଜାଗୃତିକ

‘ପର୍ଯ୍ୟବେକ୍ଷକ’ ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା



ମନୁ ରାଜପୁରୋହିତ
ବାବୁକେନ୍ଦୁଗୁଡା କଲମପୁର
ବ୍ଲକ ଜିଲ୍ଲା କଳାହାଣ୍ଡି

‘ପର୍ଯ୍ୟବେକ୍ଷକ’ ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା



ନିହାରିକା ବେହେରା ସରପଞ୍ଚ
ମିନଗୁର ଗ୍ରାମପଞ୍ଚାୟତ
କଲମପୁର ବ୍ଲକ ଜିଲ୍ଲା କଳାହାଣ୍ଡି

‘ପର୍ଯ୍ୟବେକ୍ଷକ’ ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା



ବିଜୟ କୁମାର ମାଡାଙ୍ଗୀ
ବିଡିଓ କଲମପୁର ବ୍ଲକ
ଜିଲ୍ଲା କଳାହାଣ୍ଡି

‘ପର୍ଯ୍ୟବେକ୍ଷକ’ ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା


2024-2025



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Monday September 03 2024 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୦୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com










ଦେବସ୍ମିତା ସାହୁ
ଅଧକ୍ଷା ବ୍ୟାସନଗର
ପବ୍ଲିକ ସ୍କୁଲ୍ ବ୍ୟାସନଗର,
ଯାଜପୁର

'ପର୍ଯ୍ୟବେକ୍ଷକ' ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା








ବେଣୁଧର ପ୍ରଧାନ
ଭାପୁର ବ୍ଲକ ଉପାଧକ୍ଷ
ତଥା ବିଜେଡ଼ି
କାର୍ଯ୍ୟକାରୀ ସଭାପତି

'ପର୍ଯ୍ୟବେକ୍ଷକ' ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା








ନିର୍ଭୟ କୁମାର ସାମନ୍ତରାୟ
ବରିଷ୍ଠ ସୁପ୍ରିମକୋର୍ଟ
ଆଇନଜୀବୀ

'ପର୍ଯ୍ୟବେକ୍ଷକ' ଖବର କାଗଜର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା


dk


## ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆଲୁମିନି ଆସୋସିଏସନ୍ ବୈଠକ

ପାରାଦୀପ,(ପି.ଏନ): ସୋମବାର ଦିନ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଡମ୍ବର ସହାକାରରେ ପାଳନ କରିବା ପାଇଁ ଆଲୁମୁନି ଆସୋସିଏସନ୍‌ର ପ୍ରଥମ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଆସୋସିଏସନ୍‌ର ସଭାପତି ତଥା ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହାବିଦ୍ୟାଳୟର ଅଧକ୍ଷ ଡ.ସସ୍ମିତା ଶତପଥୀ, ପ୍ରାଧାପକ ଡ. ଗଣେଶ୍ୱର ପାତ୍ର, ଲେଫନା□ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ,ସାଧାରଣ ସମ୍ପାଦକ ଗୌତମ କୁମାର ନାୟକଙ୍କ ସମେତ ବହୁ କର୍ମକ□। ଓ ସଦସ୍ୟମାନେ ଯୋଗ ଦେଇଥିଲେ।





MAYURBHANJ COLLEGE OF ACCOUNTANCY & MANAGEMENT

(Affiliated to Madhusudan Law University, Cuttack)

At-Maharajpur, Po- Takatpur (Baripada 3), Dist-Mayurbhanj, Pin-757003

www.mcam.org.in mcambpd@gmail.com

9437161128, 7978914846

Admission into 5 years BA. LLB Course 2024-25

- Eligibility: +2 Arts/ +2 Science / +2 Commerce or Equivalent with 45% Marks for General Category and 40% incase of SC/ ST Category.
- Course Fee: Rs.20,000/- Per Semester.
  Separate Hostel for Boys And Girls.

How to Apply - Download Admission Form from www.mcam.org.in and submit by speed post / Email - mcambpd@gmail.com along with all documents and application fees of Rs 500/- . The Fees can be deposited in the following A/C.
Submitted online application to Bar Council of India for approval.

Name of the Account: Mayurbhanj College of Accountancy & Management
Account No: 551010110005913, IFSC Code: BKID0005510
Name of the Bank: Bank of India, NOU Branch, Takatpur

Last date of Application 15.09.2024 (5 pm)

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray